# NATIONAL NEWS BULLETIN (ODIA)

## 18 April - 2025

## Morning Bulletin : 7.15 a.m.

***********************************

## ମୁଖ୍ୟ ସମ୍ବାଦ

- ସୌରମଣ୍ଡଳ ବାହାରେ ବୈଜ୍ଞାନିକଙ୍କୁ ମିଳିଲା ଜୀବନର ସଂକେତ ।
- ଛତିଶଗଡ଼ର ବିଭିନ୍ନ ଥାନା ଅଞ୍ଚଳରୁ ୨୨ ଜଣ ମାଓବାଦୀ ଗିରଫ୍ ।
- ପଶ୍ଚିମବଙ୍ଗର ହିଂସା ପ୍ରଭାବିତ ମୁର୍ସିଦାବାଦ୍‌ରେ ମୁତୟନ ରହିବେ କେନ୍ଦ୍ରୀୟ ଫୋର୍ସ୍ ।
- ସାଂସ୍କୃତିକ ଓ ପ୍ରାକୃତିକ ଐତିହ୍ୟକୁ ସମ୍ମାନ ଓ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ଆଜି ପାଳିତ ହେଉଛି ବିଶ୍ୱ ଐତିହ୍ୟ ଦିବସ ।

ଏବଂ

- ଆଇପିଏଲ୍‌ର ଗତକାଲିର ମ୍ୟାଚ୍‌ରେ ସନ୍‌ରାଇଜର୍ସ୍ ହାଇଦ୍ରାବାଦ୍‌କୁ ୪ ଓ୍ୱିକେଟ୍‌ରେ ପରାସ୍ତ କରିଛି ମୁମ୍ବାଇ ଇଣ୍ଡିଆନ୍ସ ।

# ସାଇଣ୍ଟିସ୍-ଲାଇଫ୍ ବିଓଣ୍ଡ ଆର୍ଥ

ଜେମ୍ସ ୱେବ୍ ସ୍ପେସ୍ ଟେଲିସ୍କୋପ୍ ବ୍ୟବହାର କରି ବୈଜ୍ଞାନିକମାନେ ସୌରମଣ୍ଡଳ ବାହାରେ ସମ୍ଭାବ୍ୟ ଜୀବନର ଦୃଢ଼ ସଂକେତ ଠାବ କରିଛନ୍ତି । ବୈଜ୍ଞାନିକ ଦଳ ପୃଥିବୀ ଠାରୁ ୧୨୪ ଆଲୋକବର୍ଷ ଦୂରରେ ଅବସ୍ଥିତ **K2-18B** ବାୟୁ ମଣ୍ଡଳରରେ ରାସାୟନିକ ବାୟୋ ସିଗ୍ନେଚର୍ ଚିହ୍ନଟ କରିଛନ୍ତି, ଯାହା ଜୀବନର ସମ୍ଭାବ୍ୟ ଉପସ୍ଥିତିକୁ ସୂଚାଇଥାଏ ।

କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟର ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଆଷ୍ଟ୍ରୋନମିର ପ୍ରଫେସର୍ ନିକୁ ମଧୁସୂଦନଙ୍କ ନେତୃତ୍ୱରେ ଏକ ଟିମ୍ ଗ୍ରହର ବାୟୁମଣ୍ଡଳରେ ଥିବା ଅଣୁ ଗୁଡ଼ିକୁ ଚିହ୍ନଟ କରିଛନ୍ତି, ଯାହା ପୃଥିବୀରେ ଥିବା ଜୀବାଣୁ ଦ୍ୱାରା ଉତ୍ପନ୍ନ ହୋଇଥିବା ଜୀବ ଭଳି ଅଟେ । ପ୍ରଫେସର ମଧୁସୂଦନ କହିଛନ୍ତି, ଏହା ଜୀବନ ଥିବାର ନିର୍ଦ୍ଦିଷ୍ଟ ପ୍ରମାଣ ହୋଇନଥିଲେ ମଧ୍ୟ ଜୈବିକ କାର୍ଯ୍ୟକଳାପ ଏବଂ ବାୟୋ ସିଗ୍ନେଚର୍‌କୁ ସୂଚାଉଛି ।

କାର୍ଡିଫ୍ ବିଶ୍ୱବିଦ୍ୟାଳୟର ଆଷ୍ଟ୍ରୋ ଫିଜିକ୍ସର ଅଧ୍ୟାପକ ତଥା ଗବେଷକ ଦଳର ସଦସ୍ୟ ଡକ୍ଟର ସୁବୀର ସରକାର କହିଛନ୍ତି, **K2-18B** ରେ ଜୀବନର ସମ୍ଭାବନା ରହିଛି । ତେବେ ଏହା ନିଶ୍ଚିତ କରିବା ସମ୍ଭବ ନୁହେଁ ବୋଲି ସେ କହିଛନ୍ତି । ସେ କହିଛନ୍ତି, ଅନ୍ୟ ଗ୍ରହରେ ଜୀବନ ସନ୍ଧାନ ଉପରେ ବୈଜ୍ଞାନିକମାନେ ଧ୍ୟାନ ଦେବା ଉଚିତ୍ ।

ନାଶାର ଜେମ୍ସ ୱେବ୍ ସ୍ପେସ୍ ଟେଲିସ୍କୋପ୍ ଦ୍ୱିତୀୟଥର ପାଇଁ **K2-18B** ରେ ଜୀବନ ସହ ଜଡ଼ିତ ରାସାୟନିକ ପଦାର୍ଥ ଠାବ କରିଛି ଓ ବିଶେଷଜ୍ଞମାନେ ବିଶ୍ୱାସ କରୁଛନ୍ତି ଯେ ଏହି ଅନୁସନ୍ଧାନ ପୂର୍ବ ଗବେଷଣା ତୁଳନାରେ ଅଧିକ ଆଶାଜନକ । ତେବେ ଏହି ଫଳାଫଳକୁ ନିଶ୍ଚିତ କରିବା ପାଇଁ ଅଧିକ ତଥ୍ୟ ଏବଂ ପର୍ଯ୍ୟବେକ୍ଷଣର ଆବଶ୍ୟକତା ରହିଛି ବୋଲି ଗବେଷକ ଦଳ କହିଛନ୍ତି ।

**K2-18B** ପୃଥିବୀର ଆକାର ଠାରୁ ୨ ଦଶମିକ୍ ୫ ଗୁଣା ଅଧିକ ଏବଂ ପୃଥିବୀ ଠାରୁ ୭୦୦ ଟ୍ରିଲିୟନ୍ ମାଇଲ୍ ଦୂରରେ ଅବସ୍ଥିତ । ଏହି ଦୂରତା ଅତିକ୍ରମ କରି ସେଠାରେ ପହଞ୍ଚିବା ବର୍ତ୍ତମାନ ପାଇଁ ସମ୍ଭବ ନୁହେଁ । କିନ୍ତୁ ଗବେଷକମାନେ ସେହି ଗ୍ରହରେ ଜୀବନଧାରଣ ସମ୍ଭାବନା ନେଇ ଆଶା ପ୍ରକାଶ କରିଛନ୍ତି ।

# ଛତିଶଗଡ଼-ମାଓଇଷ୍ଟ

ଛତିଶଗଡ଼ର ବିଭିନ୍ନ ଥାନା ଅଞ୍ଚଳରୁ ସୁରକ୍ଷାବାହିନୀ ୨୨ ଜଣ ମାଓବାଦୀଙ୍କୁ ଗିରଫ୍ କରିଛି । ସେମାନଙ୍କ ମଧ୍ୟରୁ ଦୁଇ ଜଣ ମାଓବାଦୀଙ୍କ ଗିରଫ୍‌ଦାରି ନେଇ ପୁରସ୍କାର ଘୋଷଣା କରାଯାଇଥିଲା । ସୁରକ୍ଷା ବାହିନୀ ସେମାନଙ୍କଠାରୁ ଟିଫିନ୍‌ବୋମା, ବିସ୍ଫୋରକ ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି ।

ସୂଚନା ଅନୁଯାୟୀ ବିଜାପୁର ଜିଲ୍ଲାର ଉସୁର ଅଞ୍ଚଳରେ କୋବ୍ରା ବାଟାଲିୟନ୍ ଏବଂ ସି.ଆର୍.ପି.ଏଫ୍.ର ମିଳିତ ଟିମ୍ ଯାଞ୍ଚ୍ ଅଭିଯାନ ଚଳାଇଥିଲେ । ସେହି ସମୟରେ ଟେକ୍ମେଟଲା ଜଙ୍ଗଲରୁ ୭ ଜଣ ମାଧବାଦୀ ବିସ୍ଫୋରକ ସହ ଧରା ପଡ଼ିଥିଲେ । ଅନ୍ୟ ପକ୍ଷରେ ଜିଲ୍ଲା ରିଜର୍ଭ ଗାର୍ଡ଼ ଟିମ୍ ବେଲଚର୍ ଜଙ୍ଗଲରୁ ୬ ଜଣ ମାଓବାଦୀଙ୍କୁ ଗିରଫ୍ କରିଛି । ନେଲସନ୍ ଥାନା ଅଧୀନ କଣ୍ଡାକାରକା ଜଙ୍ଗଲରୁ ସି.ଆର୍.ପି.ଏଫ୍. ଟିମ୍ ୯ ଜଣ ମାଓବାଦୀଙ୍କୁ ଗିରଫ୍ କରିଥିବା ଜଣାପଡ଼ିଛି ।

## ଡବ୍ଲ୍ୟୁବି-ଭାୟୋଲେନ୍ସ

ପଶ୍ଚିମବଙ୍ଗରେ ହିଂସା ପ୍ରଭାବିତ ମୁର୍ସିଦାବାଦ୍‌ରେ କେନ୍ଦ୍ରୀୟ ଫୋର୍ସ୍ ମୁତୟନ ରହିବେ ବୋଲି କୋଲକାତା ହାଇକୋର୍ଟ୍ ନିର୍ଦ୍ଦେଶ ଦେଇଛନ୍ତି । ଜଷ୍ଟିସ୍ ସୌମେନ୍ ସେନ୍ ଓ ଜଷ୍ଟିସ୍ ରାଜା ବାସୁ ଚୌଧୁରୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ହିଂସାକାଣ୍ଡର ଏନ୍.ଆଇ.ଏ. ତଦନ୍ତ ଦାବିକୁ ଖାରଜ କରିଛନ୍ତି । ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ଏବଂ ଅନ୍ୟମାନେ ଏହି ହିଂସାକାଣ୍ଡ ଘଟଣାର ଏନ୍.ଆଇ.ଏ. ତଦନ୍ତ ଦାବି କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ତେବେ କେନ୍ଦ୍ର ସରକାର ଏହି ଘଟଣାକୁ ନିଜ ଆଡୁ ଗ୍ରହଣ କରି ଏନ୍.ଆଇ.ଏ. ତଦନ୍ତ ଲାଗି ନିର୍ଦ୍ଦେଶ ଦେଇପାରିବେ ବୋଲି ନ୍ୟାୟାଳୟ କହିଛନ୍ତି ।

ଅନ୍ୟ ପକ୍ଷରେ ବିସ୍ଥାପିତଙ୍କ ପ୍ରତ୍ୟାବର୍ତ୍ତନ ଓ ଥଇଥାନ ପାଇଁ ଏକ ତିନି ଜଣିଆ ଟିମ୍ ଗଠନ କରିବାକୁ ହାଇକୋର୍ଟ ଘୋଷଣା କରିଛନ୍ତି । ଜାତୀୟ ମାନବାଧିକାର ଆୟୋଗର ଜଣେ ପ୍ରତିନିଧି, ରାଜ୍ୟ ମାନବାଧିକାର ଆୟୋଗର ଜଣେ ସଦସ୍ୟ ଏବଂ ରାଜ୍ୟ ଆଇନ୍ ସହାୟତା ସେବାର ଜଣେ ସଦସ୍ୟଙ୍କୁ ନେଇ ଏହି ଟିମ୍ ଗଠନ କରାଯିବ ଓ ଆସନ୍ତା ମାସ ୧୫ ତାରିଖ ସୁଦ୍ଧା ସମ୍ପୃକ୍ତ ଟିମ୍ ରିପୋର୍ଟ୍ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

## ଡବ୍ଲ୍ୟୁବି-ବିଜେପି ରାଲି

କୋଲକାତା ହାଇକୋର୍ଟ୍ ପଶ୍ଚିମବଙ୍ଗରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ବିଗିଡ଼ିବା ଏବଂ ହିନ୍ଦୁମାନଙ୍କ ଉପରେ ହେଉଥିବା ଅତ୍ୟାଚାର ପ୍ରତିବାଦରେ ଆସନ୍ତା ଶନିବାର ବିଜେପି ଯୁବମୋର୍ଚ୍ଚାକୁ ର୍‍ୟାଲି କରିବାକୁ ଅନୁମତି ଦେଇଛନ୍ତି । ଜଷ୍ଟିସ୍ ତୀର୍ଥଙ୍କର ଘୋଷ କହିଛନ୍ତି, ନେତାଜୀ ଭବନରୁ ଏହି ର୍‍ୟାଲି ଆରମ୍ଭ ହୋଇ ଆଶୁତୋଷ ମେମୋରିଆଲ୍ ହଲ୍‌ଠାରେ ଶେଷ ହେବ । ଅପରାହ୍ଣ ୫ଟାରୁ ରାତି ୮ଟା ମଧ୍ୟରେ ସମ୍ପୃକ୍ତ ରାସ୍ତାରେ ସଭା କରିବା ଲାଗି ଅନୁମତି ଦିଆଯାଇଛି । ତେବେ ଏହି ର୍‍ୟାଲିରେ ସର୍ବାଧିକ ୧୩ଶହ ଲୋକ ସାମିଲ ହେବା ନେଇ ହାଇକୋର୍ଟ ଅନୁମତି ଦେଇଛନ୍ତି ।

## ଆର୍‌ବିଆଇ-ଏମ୍‌ଓୟୁ

ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଏବଂ ଫାଇନାନ୍ସିଆଲ୍ ଇଣ୍ଟେଲିଜେନ୍ସ ୟୁନିଟ୍ ଇଣ୍ଡିଆ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହି ବୁଝାମଣାପତ୍ର ଅନୁଯାୟୀ ଅର୍ଥ ଠକେଇ ନିବାରଣ ଆଇନ୍ ଏବଂ ଏହା ଅଧୀନରେ ପ୍ରସ୍ତୁତ ନିୟମାବଳୀରୁ ପ୍ରଭାବଶାଳୀ କାର୍ଯ୍ୟକାରିତା ନେଇ ସମନ୍ୱିତ ପ୍ରୟାସ କରାଯିବ । ଉଭୟ ସଂସ୍ଥା ଆର୍ଥିକ ଠକେଇ ରୋକିବା ଦିଗରେ ପରସ୍ପରକୁ ସହଯୋଗ କରିବେ ବୋଲି କୁହାଯାଇଛି । ଗୁଇନ୍ଦା ସୂଚନାକୁ ଉପଲବ୍ଧ କରାଇବା ଏବଂ ଆର୍ଥିକ ଠକେଇ ରୋକିବା ଦିଗରେ ଉଭୟ ସଂସ୍ଥା ମିଳିତ ଭାବେ ମୁକାବିଲା କରିବେ ବୋଲି ଜଣାପଡ଼ିଛି ।

## ୱାର୍ଲ୍ଡ ହେରିଟେଜ୍ ଡେ

ସାଂସ୍କୃତିକ ଓ ପ୍ରାକୃତିକ ଐତିହ୍ୟକୁ ସମ୍ମାନ ଓ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ଆଜି ସାରା ବିଶ୍ୱରେ ବିଶ୍ୱ ଐତିହ୍ୟ ଦିବସ ପାଳନ କରାଯାଉଛି । ଏହାକୁ ମଧ୍ୟ ସ୍ମାରକୀ ଓ ସ୍ଥଳ ଦିବସ କୁହାଯାଏ । ଚଳିତ ବର୍ଷ ଏହି ଦିବସର ବିଷୟବସ୍ତୁ ହେଉଛି, ବିପର୍ଯ୍ୟୟ ଓ ସଂଘର୍ଷରୁ ବିପଦରେ ଥିବା ଐତିହ୍ୟ । ପ୍ରତ୍ୟେକ ବର୍ଷ ଏପ୍ରିଲ୍ ୧୮ ତାରିଖରେ ଏହି ଦିବସ ପାଳନ କରାଯାଇଥାଏ ।

ଗତ କିଛି ବର୍ଷ ହେବ ବିଶ୍ୱ ଏହି ଐତିହ୍ୟ ତାଲିକାରେ ଭାରତ କ୍ରମାଗତ ଭାବରେ ନିଜର ଉପସ୍ଥିତି ଜାହିର କରିଛି । ଗତ ବର୍ଷ ଜୁଲାଇରେ ଆସାମର ଆହୋମ ବଂଶର ମାଉଣ୍ଡ-କବର ପ୍ରଣାଳୀକୁ ସାଂସ୍କୃତିକ ସମ୍ପତ୍ତି ଭାବରେ ଏହାକୁ ବିଶ୍ୱ ଐତିହ୍ୟ ତାଲିକାରେ ସାମିଲ କରାଯାଇଥିଲା । ଏ ପର୍ଯ୍ୟନ୍ତ ବିଶ୍ୱ ଐତିହ୍ୟ ତାଲିକାରେ ଭାରତର ୪୩ଟି ସ୍ଥାନ ଥିବା ବେଳେ ୟୁନେସ୍କୋର ଅସ୍ଥାୟୀ ତାଲିକାରେ ୬୨ଟି ସ୍ଥାନ ରହିଛି । ୧୯୮୩ ମସିହାରେ ଆଗ୍ରା ଦୁର୍ଗ, ତାଜମହଲ, ଅଜନ୍ତା ଏବଂ ଏଲୋରା ଗୁମ୍ଫା ବିଶ୍ୱ ଐତିହ୍ୟ ତାଲିକାରେ ସାମିଲ ହେବା ପରେ କ୍ରମାଗତ ଭାବେ ଅନ୍ୟ ସ୍ଥାନ ଗୁଡ଼ିକୁ ଏଥିରେ ସାମିଲ କରାଯାଉଛି ।

ଆଜି ବିଶ୍ୱ ଐତିହ୍ୟ ଦିବସ ପାଳନ ଅବସରରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଏ.ଏସ୍.ଆଇ. ଦେଶର ସମସ୍ତ ଏ.ଏସ୍.ଆଇ. ସଂରକ୍ଷିତ ସ୍ମାରକୀରେ ପ୍ରବେଶ ଶୁଳ୍କ ଛାଡ଼ ଘୋଷଣା କରିଛି । ସଂସ୍କୃତି ମନ୍ତ୍ରଣାଳୟ ତରଫରୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି । ମନ୍ତ୍ରଣାଳୟ କହିଛି, ଏ.ଏସ୍.ଆଇ.ର ଏହି ପଦକ୍ଷେପ ପର୍ଯ୍ୟଟକଙ୍କୁ ଦେଶର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ସମ୍ପର୍କରେ ଅଧିକ ଜ୍ଞାନ ଆହରଣ କରିବାକୁ ସୁଯୋଗ ପ୍ରଦାନ କରିବ । ୩ ହଜାରରୁ ଅଧିକ ସ୍ମାରକୀ ଏବଂ ଐତିହ୍ୟ ସ୍ଥଳୀକୁ ଏ.ଏସ୍.ଆଇ. ସୁରକ୍ଷା ଅଧୀନରେ ରଖାଯାଇଛି । ଦେଶର ଐତିହାସିକ ପରମ୍ପରା ଏବଂ ସ୍ଥାପତ୍ୟ ସହିତ ଯୋଡ଼ି ହେବାକୁ ଏ.ଏସ୍.ଆଇ. ସୁଯୋଗ ପ୍ରଦାନ କରୁଛି ।

# ଗୁଡ୍ ଫ୍ରାଇଡେ

ଆଜି ସାରା ବିଶ୍ୱରେ ଗୁଡ୍ ଫ୍ରାଇଡେ ପାଳନ କରାଯାଉଛି । କାଲୋଭାରି ଠାରେ ଯୀଶୁ ଖ୍ରୀଷ୍ଟଙ୍କ ମୃତ୍ୟୁକୁ ଚିହ୍ନଟ କରି ଏହି ଗୁଡ୍ ଫ୍ରାଇଡେକୁ ଶୋକ, ପ୍ରତିଫଳନ ଏବଂ ଆଧ୍ୟାତ୍ମିକ ଭକ୍ତିର ଦିନ ଭାବେ ପାଳନ କରାଯାଉଛି । ସାରା ବିଶ୍ୱର ଖ୍ରୀଷ୍ଟିଆନ୍ ଅଧିବାସୀମାନେ ଗୁଡ୍ ଫ୍ରାଇଡେ ପାଳନ ସ୍ୱରୂପ ଚର୍ଚ୍ଚ ଗୁଡ଼ିକରେ ସ୍ୱତନ୍ତ୍ର ପ୍ରାର୍ଥନା କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି । ନାଗାଲାଣ୍ଡର ଚର୍ଚ୍ଚ ଗୁଡ଼ିକରେ ସ୍ୱତନ୍ତ୍ର ପ୍ରାର୍ଥନା ସେବା ଓ ଉପବାସ ଆୟୋଜନ କରାଯାଇଛି ।

# ୟୁଏସ୍-ୟୁନିଭରସିଟି ସୁଟିଂ

ଆମେରିକାର ତଲହାସି ସ୍ଥିତ ଫ୍ଲୋରିଡ଼ା ଷ୍ଟେଟ୍ ୟୁନିଭରସିଟିରେ ଅଜଣା ବନ୍ଧୁକଧାରୀଙ୍କ ଆକ୍ରମଣରେ ଦୁଇଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୬ ଜଣ ଆହତ ହୋଇଛନ୍ତି । ଗୁଳି ଚଳାଇଥିବା ବନ୍ଧୁକଧାରୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଆକ୍ରମଣକାରୀଙ୍କୁ ପୋଲିସ୍ ଗିରଫ୍ କରିଛି । ବିଶ୍ୱବିଦ୍ୟାଳୟ ମଧ୍ୟରେ ମୃତ୍ୟୁ ଘଟିଥିବା ଦୁଇ ଜଣ ସେଠାକାର ଛାତ୍ର ନୁହନ୍ତି ବୋଲି ପୋଲିସ୍ ସ୍ପଷ୍ଟ କରିଛି । ଗୁଳି ଚାଳନା କରିଥିବା ବ୍ୟକ୍ତି ଜଣଙ୍କ ସେଠାକାର ଜଣେ ସେରିଫ୍ ଡେପୁଟିଙ୍କ ପୁଅ ବୋଲି ଜଣାପଡ଼ିଛି ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି, ଏହା ଏକ ଲଜ୍ଜାଜନକ ଘଟଣା ।

## ପାସିଆ-ବ୍ରିଟେନ୍

ପଞ୍ଜାବରେ ୧୪ଟି ଆତଙ୍କବାଦୀ ଆକ୍ରମଣର ଷଡ଼ଯନ୍ତ୍ର ରଚିଥିବା ଗ୍ୟାଙ୍ଗଷ୍ଟାର୍ ହର୍‌ପ୍ରୀତ ସିଂହ ଓରଫ୍ ହାପି ପାସିଆକୁ ଆମେରିକାର ଇମିଗ୍ରେସନ୍ ବିଭାଗ ଅଟକ ରଖିଛି । ଭାରତର ପ୍ରମୁଖ ଆତଙ୍କବାଦ ନିରୋଧି ସଂସ୍ଥା ଏନ୍.ଆଇ.ଏ. ପାସିଆଙ୍କୁ ଗିରଫ୍ କରିବା ଲାଗି ଉଦ୍ୟମ କରୁଥିଲା । ଚଳିତ ବର୍ଷ ଚଣ୍ଡିଗଡ଼ରେ ଏକ ବାସଗୃହ ଓ ପଞ୍ଜାବର ଏକ ଥାନା ଉପରେ ଗ୍ରେନେଡ୍ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ଏନ୍.ଆଇ.ଏ. ପାସିଆର ଗିରଫ୍‌ଦାରି ନେଇ ୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲା ।

ପାକିସ୍ତାନର ଗ୍ୟାଙ୍ଗଷ୍ଟାର୍‌ରୁ ଆତଙ୍କବାଦୀ ପାଲଟିଥିବା ହରବିନ୍ଦର ସାନ୍ଧୁ ଓରଫ୍ ରିଣ୍ଡାର ଘନିଷ୍ଠ ସହଯୋଗୀ ପାସିଆ ପାକିସ୍ତାନର ଆଇ.ଏସ୍.ଆଇ., ରିଣ୍ଡା ଏବଂ ଖାଲସା ଇଣ୍ଟରନ୍ୟାସନାଲ୍ ସହ ମିଶି ପଞ୍ଜାବରେ ଅନେକ ଆତଙ୍କବାଦୀ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବା ଜଣାପଡ଼ିଛି ।

## ୟୁଏସ୍-ଇରାନ୍ ନ୍ୟୁକ୍ଲିୟର୍ସ ଟକ୍

ଆମେରିକା ଓ ଇରାନ୍ ମଧ୍ୟରେ ଆସନ୍ତାକାଲି ରୋମ୍‌ରେ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ପରମାଣୁ ଆଲୋଚନାରେ ମଧ୍ୟସ୍ଥତା ଜାରି ରହିବ ବୋଲି ଓମାନ୍‌ର ବୈଦେଶିକ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି । ଏକ ବିବୃତିରେ ମନ୍ତ୍ରଣାଳୟ କହିଛି, ଗମନାଗମନ କାରଣରୁ ଇଟାଲୀର ରାଜଧାନୀକୁ ନୂତନ ସ୍ଥାନ ଭାବେ ଚୟନ କରାଯାଇଛି । ଏହି ଆଲୋଚନା ଏକ ନ୍ୟାୟପୂର୍ଣ୍ଣ, ବାଧ୍ୟତାମୂଳକ ଏବଂ ସ୍ଥାୟୀ ବୁଝାମଣା ଦିଗରେ ଅଗ୍ରଗତି କରିବ ବୋଲି ମନ୍ତ୍ରଣାଳୟ ଆଶାବ୍ୟକ୍ତ କରିଛି । ଆଗାମୀ ବୈଠକ ଆୟୋଜନରେ ସହଯୋଗ ଓ ସମର୍ଥନ ପାଇଁ ଇଟାଲୀ ସରକାରଙ୍କୁ ପ୍ରଶଂସା କରାଯାଉଛି ।

ଚଳିତ ମାସ ୧୨ ତାରିଖରେ ଓମାନ୍‌ରେ ଆମେରିକା ଓ ଇରାନ୍ ଅଧିକାରୀଙ୍କ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ଆଲୋଚନା ହୋଇଥିଲା । ଉଭୟ ଦେଶ କହିଛନ୍ତି, ଆଲୋଚନା ସକାରାତ୍ମକ ଏବଂ ଗଠନ ମୂଳକ ରହିଛି ।

## ଆଇପିଏଲ୍

ଚଳିତ ଆଇପିଏଲ୍ ଟି-ଟ୍ୱେଣ୍ଟି ସିରିଜ୍‌ର ଗତକାଲି ଅନୁଷ୍ଠିତ ମ୍ୟାଚ୍ ମୁମ୍ବାଇ ଇଣ୍ଡିଆନ୍ସ ୪ ୱିକେଟ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍‌କୁ ପରାସ୍ତ କରିଛି । ଗତକାଲି ମୁମ୍ବାଇର ୱାଙ୍ଖେଡ଼େ ଷ୍ଟାଡିୟମ୍‌ରେ ଆୟୋଜିତ

ମ୍ୟାଚ୍‌ରେ ୧୬୩ରନ୍‌ର ପିଛା କରି ମୁମ୍ବାଇ ଇଣ୍ଡିଆନ୍ସ ୧୮ ଓଭର ଗୋଟିଏ ବଲ୍‌ରେ ୬ ୱିକେଟ୍ ବିନିମୟରେ ୧୬୬ରନ୍ ସଂଗ୍ରହ କରିଥିଲା । ୱିଲ୍‌ଜ୍ୟାକ୍ସ ୨୬ଟି ବଲ୍‌ରୁ ୩୬ରନ୍ କରିଥିବାବେଳେ ହାର୍ଦ୍ଦିକ ପାଣ୍ଡ୍ୟା ୯ଟି ବଲ୍‌ରୁ ୨୧ରନ୍ ସଂଗ୍ରହ କରିଥିଲେ । ପ୍ରଥମେ ବ୍ୟାଟିଂ କରି ସନ୍‌ରାଇଜର୍ସ ହାଇଦ୍ରାବାଦ୍ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ୍ ବିନିମୟରେ ୧୬୨ରନ୍ କରିଥିଲା । ଅଭିଶେକ ଶର୍ମା ସର୍ବାଧିକ ୪୦ରନ୍ ସ୍କୋର କରିଥିବା ବେଳେ ଜ୍ୟାକ୍ସ ୨ଟି ୱିକେଟ୍ ଅକ୍ତିଆର କରିବା ସହ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ ।

ଆଜି ବେଙ୍ଗାଲୁରୁ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ରୟାଲ୍ ଚାଲେଞ୍ଜର୍ସ୍ ବେଙ୍ଗାଲୁରୁ ଏବଂ ପଞ୍ଜାବ କିଙ୍ଗସ୍ ମଧ୍ୟରେ ମୁକାବିଲା ହେବ । ଉଭୟ ରୟାଲ୍ ଚାଲେଞ୍ଜର୍ସ୍ ବେଙ୍ଗାଲୁରୁ ଏବଂ ପଞ୍ଜାବ କିଙ୍ଗସ୍ ୬ଟି ଲେଖାଏଁ ମ୍ୟାଚ୍‌ରୁ ୮ ପଏଣ୍ଟ ଲେଖାଏଁ ହାସଲ କରିଛନ୍ତି । ଆର୍.ସି.ବି. ପଏଣ୍ଟ ତାଲିକାର ତୃତୀୟ ସ୍ଥାନରେ ଥିବାବେଳେ ପଞ୍ଜାବ ଦ୍ୱିତୀୟ ସ୍ଥାନରେ ରହିଛି ।